# କଳିଙ୍ଗରୁ ଆରମ୍ଭ

**ବିଶ୍ୱକପ ଇତିହାସରେ ପ୍ରଥମଥରପାଇଁ ୨ଟି ଭେନ୍ୟୁରେ ହେବ ମେଗା ପ୍ରତିଯୋଗିତା। ଏଥିପାଇଁ ଭୁବନେଶ୍ୱରର କଳିଙ୍ଗ ଏବଂ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମ ପ୍ରସ୍ତୁତ। ୧୬ଟି ଯାକ ଦଳ ଭୁବନେଶ୍ୱର ଓ ରାଉରକେଲାରେ ନିଜ ଅଭ୍ୟାସକୁ ଅନ୍ତିମ ରୂପ ଦେଉଥିବାବେଳେ ମ୍ୟାଚ ଆରମ୍ଭକୁ ଅପେକ୍ଷା। ପ୍ରଥମ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଅପରାହ୍ନ ୧ଟାରେ ଆର୍ଜେଣ୍ଟିନାକୁ ଭେଟିବ ଦକ୍ଷିଣ ଆଫ୍ରିକା। ଅଷ୍ଟ୍ରେଲିଆ ଓ ଫ୍ରାନ୍ସ ମଧ୍ୟରେ ଦ୍ୱିତୀୟ ମ୍ୟାଚ ଅପରାହ୍ନ ୩ଟାରେ ଅନୁଷ୍ଠିତ ହେବ। ପରବର୍ତ୍ତୀ ୨ଟି ମ୍ୟାଚ ରାଉରକେଲାରେ ଖେଳାଯିବ।**

## ଆର୍ଜେଣ୍ଟିନା ୧୧, ଦକ୍ଷିଣ ଆଫ୍ରିକା ୩

ବିଶ୍ୱକପର ୧୫ତମ ସଂସ୍କରଣରେ ପ୍ରଥମେ ପଡ଼ିଆକୁ ଓହ୍ଲାଇବେ ଆର୍ଜେଣ୍ଟିନା ଓ ଦକ୍ଷିଣ ଆଫ୍ରିକା। ଦୁଇଟି ଯାକ ଦଳ ବିଶ୍ୱକପ ବିଜୟର ସ୍ୱାଦ ଚାଖିନାହାନ୍ତି। ତେଣୁ ଉଭୟଙ୍କ ପାଇଁ ଟୁର୍ନାମେଣ୍ଟର ଆରମ୍ଭ ମ୍ୟାଚ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରେକର୍ଡ ଅନୁସାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆର୍ଜେଣ୍ଟିନାର ପଲା ଭାରି ରହିବ। ଦୁଇ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ମୋଟ ୧୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ସେଥିରୁ ଆର୍ଜେଣ୍ଟିନା ୧୧ଟିରେ ଜିତିଥିବାବେଳେ ଦକ୍ଷିଣ ଆଫ୍ରିକା ମାତ୍ର ୩ଟି ମ୍ୟାଚରେ ବିଜୟୀ ହେବାର ରେକର୍ଡ ରଖିଛି। ଆର୍ଜେଣ୍ଟିନା ବିପକ୍ଷରେ ଦକ୍ଷିଣ ଆଫ୍ରିକାର ଶେଷ ବିଜୟ ଆସିଥିଲା ୨୦୧୧ ମସିହାରେ। ସେତେବେଳେ ଏଫ୍‌ଆଇଏଚ୍ ଚାମ୍ପିୟନ୍ସ ଚ୍ୟାଲେଞ୍ଜ-୧ରେ ଆର୍ଜେଣ୍ଟିନାକୁ ୩-୧ ଗୋଲରେ ହରାଇଥିଲା ଦକ୍ଷିଣ ଆଫ୍ରିକା। ମାତ୍ର ଏହା ମଧ୍ୟରେ ଦୁଇ ଦେଶ ମଧ୍ୟରେ ୭ଟି ମ୍ୟାଚ ଅନୁଷ୍ଠିତ ହୋଇ ସାରିଥିବାବେଳେ ଆର୍ଜେଣ୍ଟିନା ୬ଟି ମ୍ୟାଚରେ ବିଜୟୀ ହୋଇଛି ଓ ଗୋଟିଏ ମ୍ୟାଚ ଡ୍ର ରହିଛି। ଚଳିତ ବର୍ଷ ଉଭୟ ଦଳ ପରସ୍ପର ବିପକ୍ଷରେ ୨ଟି ମ୍ୟାଚ ଖେଳି ସାରିଛନ୍ତି। ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଅନୁଷ୍ଠିତ ପ୍ରଥମ ମୁକାବିଲାରେ ଆର୍ଜେଣ୍ଟିନା ୪-୩ ଗୋଲରେ ବିଜୟୀ ହୋଇଥିବାବେଳେ ଦ୍ୱିତୀୟ ମ୍ୟାଚଟି ୨-୨ ଗୋଲରେ ଡ୍ର ରହିଥିଲା। ଉଭୟ ମ୍ୟାଚରେ କିନ୍ତୁ ଆର୍ଜେଣ୍ଟିନାକୁ କଡ଼ା ଟକ୍କର ଦେଇଥିଲା ଦକ୍ଷିଣ ଆଫ୍ରିକା। ଶେଷ ମ୍ୟାଚରେ ଆର୍ଜେଣ୍ଟିନାର ଶତଚେଷ୍ଟା ସତ୍ତ୍ୱେ ବିଜୟୀ ହେବାକୁ ଦେଇ ନ ଥିଲା ଆଫ୍ରିକୀୟ ଦଳ। ତେଣୁ ସକାରାତ୍ମକ ଫଳାଫଳ ସହ ବିଶ୍ୱକପ ଆରମ୍ଭ ଲକ୍ଷ୍ୟରେ ରହିଛି ଦକ୍ଷିଣ ଆଫ୍ରିକା। ୨୦୧୪ରେ ବ୍ରୋଞ୍ଜ ପଦକ ଜିତିଥିବା ଆର୍ଜେଣ୍ଟିନା ଏଥର ମଧ୍ୟ ପୋଡିୟମ ଫିନିଶ୍ ଆଶାରେ ଥିବାରୁ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି।



କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଫ୍ରାନ୍ସ ଦଳର ଅଭ୍ୟାସ।

## ଫ୍ରାନ୍ସ ବିପକ୍ଷରେ ଅଷ୍ଟ୍ରେଲିଆ ଫେଭରାଇଟ

କଳିଙ୍ଗରେ ଦ୍ୱିତୀୟ ମ୍ୟାଚରେ ଫ୍ରାନ୍ସକୁ ଭେଟିବ ଶକ୍ତିଶାଳୀ ଅଷ୍ଟ୍ରେଲିଆ। ଟୁର୍ନାମେଣ୍ଟ ଇତିହାସରେ ସର୍ବାଧିକ ପଦକ ବିଜୟୀ ଅଷ୍ଟ୍ରେଲିଆ ସ୍ୱାଭାବିକଭାବେ ଫେଭରାଉଟ ବିବେଚିତ ହେଉଛି। ଅଷ୍ଟ୍ରେଲିଆ ୧୯୮୬, ୨୦୧୦, ୨୦୧୪ରେ ଚାମ୍ପିୟନ ହୋଇଥିବାବେଳେ ୨୦୦୨ ଓ ୨୦୦୬ରେ ରନରଅପ୍ ହେବାର ସୌଭାଗ୍ୟ ପାଇଥିଲା। ସେହିପରି ୧୯୭୮, ୧୯୮୨, ୧୯୯୦, ୧୯୯୪ ଓ ୨୦୧୮ରେ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ପଦକ ପାଇଥିଲା। ସେହି ତୁଳନାରେ ଦେଖିବାକୁ ଗଲେ ଫ୍ରାନ୍ସ ମାତ୍ର ୪ର୍ଥ ଥରପାଇଁ ବିଶ୍ୱକପରେ ଅବତୀର୍ଣ୍ଣ ହେବାକୁ ଯାଉଛି। ୧୯୭୧ ଓ ୧୯୯୨ରେ ୭ମ ସ୍ଥାନ ଦଳପାଇଁ ଶ୍ରେଷ୍ଠ ସଫଳତା ହୋଇ ରହିଛି। ଉଭୟ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ମୋଟ ୮ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରୁ ଅଷ୍ଟ୍ରେଲିଆ ୬ଟି ଜିତିଥିବାବେଳେ ଫ୍ରାନ୍ସ ମାତ୍ର ୨ଟିରେ ବିଜୟ ସ୍ୱାଦ ଚାଖିଛି। ଶେଷଥରପାଇଁ ଦୁଇ ଦଳ ଭୁବନେଶ୍ୱରରେ ଅନୁଷ୍ଠିତ ୨୦୧୮ ବିଶ୍ୱକପରେ ପରସ୍ପରକୁ ଭେଟିଥିଲେ। ଏଥିରେ ଅଷ୍ଟ୍ରେଲିଆ ୩-୦ ଗୋଲରେ ବିଜୟୀ ହୋଇଥିଲା। ଅଷ୍ଟ୍ରେଲିଆ ବିପକ୍ଷରେ ଫ୍ରାନ୍ସର ଶେଷ ବିଜୟ ୧୯୭୧ରେ ଆସିଥିଲା। ସେତେବେଳେ ବିଶ୍ୱକପରେ ଫ୍ରାନ୍ସ ୧-୦ ଗୋଲରେ ଅଷ୍ଟ୍ରେଲିଆକୁ ହରାଇଥିଲା। ଏହାପରେ ଅଷ୍ଟ୍ରେଲିଆ ପ୍ରଦର୍ଶନରେ ଅନେକ ପରିବର୍ତ୍ତନ ଆସିଛି। ଫ୍ରାନ୍ସ ଦଳ କ୍ରମାଗତ ୬ ବିଜୟର ରେକର୍ଡ ବହନ କରୁଛି। ତେଣୁ ଆଗାମୀ ମ୍ୟାଚରେ ଅଷ୍ଟ୍ରେଲିଆକୁ ଚ୍ୟାଲେଞ୍ଜ ଦେବାକୁ ହେଲେ ଫ୍ରାନ୍ସକୁ ଅନେକ କଷ୍ଟ ସ୍ୱିକାର କରିବାକୁ ପଡ଼ିବ।

## ସର୍ବାଧିକ ଗୋଲ୍

**ହକି ବିଶ୍ୱକପର ୧୪ଟି ସଂସ୍କରଣ ସମାପ୍ତ ହୋଇଥିବା ବେଳେ ୧୫ ତମ ସଂସ୍କରଣ ଭୁବନେଶ୍ୱର ରାଉରକେଲାରେ ଅନୁଷ୍ଠିତ ହେବ। ଜାନୁୟାରୀ ୧୩-୨୯ ଯାଏ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟ ପ୍ରଥମ ଥର ପାଇଁ ଦୁଇଟି ଭେନ୍ୟୁରେ ଅନୁଷ୍ଠିତ ହେବାକୁ ଯାଉଛି। ବିଶ୍ୱକପରେ ଗୋଲ ସ୍କୋର କରିବା ପ୍ରତି ଖେଳାଳିଙ୍କ ପାଇଁ ସ୍ୱତନ୍ତ୍ର ଉପଲବ୍ଧି ହୋଇଥିବା ବେଳେ ଆସନ୍ତୁ ନଜର ପକାଇବା ବିଶ୍ୱକପର ଗୋଟିଏ ସଂସ୍କରଣରେ ସର୍ବାଧିକ ଗୋଲ ସ୍କୋରରଙ୍କ ଉପରେ....**

### ପଲ୍ ଲିଟେନ୍ସ

ନେଦରଲାଣ୍ଡ୍ସ ଦଳର ପେନାଲ୍ଟି କର୍ନର ସ୍ପେଶାଲିଷ୍ଟ ରହିଥିବା ପଲ୍ ଲିଟେନ୍ସ ୩ଟି ବିଶ୍ୱକପ ଖେଳିଥିବା ବେଳେ ସ୍କୋର କରିଛନ୍ତି ସମୁଦାୟ ୨୬ ଗୋଲ୍। ୧୯୭୮ରେ ନେଦରଲାଣ୍ଡ୍ସ ରନର୍ସ ଅପ୍ ରହିଥିବା ବେଳେ ଲିଟେନ୍ସ ଏକାକୀ ସ୍କୋର କରିଥିଲେ ୧୫ ଗୋଲ୍।୧୯୭୬ ଓ ୧୯୮୧ ଅଲିମ୍ପିକ୍ସର ଟପ୍ ସ୍କୋରର ରହିଥିବା ଲିଟେନ୍ସ ୧୭୭ ଅନ୍ତର୍ଜାତୀୟ ମ୍ୟାଚରୁ ୨୬୮ ଗୋଲ ସ୍କୋର କରିଥିଲେ। ୧୯୮୨ରୁ ୨୦୦୪ ପର୍ଯ୍ୟନ୍ତ ସର୍ବାଧିକ ଅନ୍ତର୍ଜାତୀୟ ଗୋଲର ରେକର୍ଡ ତାଙ୍କ ନାମରେ ରହିଥିଲା।

### କଲିମୁଲ୍ଲା ଖାନ୍

ପାକିସ୍ତାନର ଫରୱାର୍ଡ ଖେଳାଳି କଲିମୁଲ୍ଲା ଖାନ୍ ବମ୍ବେରେ ଅନୁଷ୍ଠିତ ୧୯୮୨ ସଂସ୍କରଣରେ ଟପ୍ ଗୋଲ ସ୍କୋରର ରହିଥିଲେ। ପାକିସ୍ତାନ ଚାମ୍ପିୟନ୍ ରହିଥିବା ବେଳେ କଲିମୁଲ୍ଲା ସ୍କୋର କରିଥିଲେ ୧୨ଟି ଗୋଲ। ଏହା ବ୍ୟତିତ ୧୭୬ ମ୍ୟାଚରେ ପାକିସ୍ତାନର ପ୍ରତିନିଧିତ୍ୱ କରି ୯୭ଟି ଅନ୍ତର୍ଜାତୀୟ ଗୋଲ ସ୍କୋର କରିଥିଲେ।

### ଟିଏସ୍ କ୍ରୁଇଜ୍

୧୯୭୩ ସଂସ୍କରଣରେ ନେଦରଲାଣ୍ଡ୍ସ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିବା ବେଳେ ଦଳର ଫରୱାର୍ଡ ଖେଳାଳି ଟିଏସ୍ କ୍ରୁଇଜ୍ ସ୍କୋର କରିଥିଲେ ୧୧ଟି ଗୋଲ୍। ଏପରିକି ବିଶ୍ୱକପର ପରବର୍ତ୍ତୀ ସଂସ୍କରଣରେ ମଧ୍ୟ ୭ଟି ଗୋଲ ସହିତ ସେ ଟପ୍ ସ୍କୋରର ରହିଥିଲେ। ନେଦରଲାଣ୍ଡ୍ସ ପକ୍ଷରୁ ୨୦୨ ଅନ୍ତର୍ଜତୀୟ ମ୍ୟାଚରୁ ସେ ୧୬୭ ଗୋଲ ସ୍କୋର କରିଥିଲେ।

### ଜେ ଷ୍ଟେସି

୧୯୯୮ରେ ଆୟୋଜକ ଦେଶ ଭାବରେ ନେଦରଲାଣ୍ଡ୍ସ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିବା ବେଳେ ସର୍ବାଧିକ ୧୧ଟି ଗୋଲ ସ୍କୋର କରିଥିଲେ ଫରୱାର୍ଡ ଜେ ଷ୍ଟେସି। ଅଷ୍ଟ୍ରେଲିଆ ପାଇଁ ୩୨୧ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ଷ୍ଟେସି ୧୭୨ ଗୋଲ ସ୍କୋର କରିଛନ୍ତି। ଏହା ସହିତ ହକି ଅଲିମ୍ପିକ୍ସରେ ସେ ଅଷ୍ଟ୍ରେଲିଆ ପାଇଁ(୧୯୯୨, ୧୯୯୬ ଓ ୨୦୦୦)ରେ ୩ଟି ପଦକ ଜିତିଛନ୍ତି।

### ଟାଏକେ ଟାଏକେମା

୨୦୦୬ରେ ନେଦରଲାଣ୍ଡ୍ସର ପେନାଲ୍ଟି କର୍ନର ସ୍ପେସିଆଲିଷ୍ଟ ଟାଏକେ ଟାଏକେମା ୧୧ ଗୋଲ ସ୍କୋର କରିବା ସହିତ ଟପ୍ ସ୍କୋରର ରହିଥିଲେ। ଏପରିକି ୨୦୧୦ ବିଶ୍ୱକପରେ ମଧ୍ୟ ସେ ୮ଟି ଗୋଲ ସ୍କୋର କରିଥିଲେ। ଜାତୀୟ ଦଳ ପାଇଁ ୨୪୨ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ଏହି ଖେଳାଳି ଜଣଙ୍କ ୨୨୧ ଗୋଲ ସ୍କୋର କରିଛନ୍ତି।

### ଟାକୋ ଭାନ୍ ଡେନ୍ ହର୍ନେଟ୍

୧୯୯୪ରେ ପାକିସ୍ତାନ ଠାରୁ ପରାଜିତ ହୋଇ ରନର ଅପ୍ ରହିଥିଲା ନେଦରଲାଣ୍ଡ୍ସ। ଦଳ ପକ୍ଷରୁ ୧୦ ଗୋଲ ସ୍କୋର କରିବା ସହିତ ଟୁର୍ନାମେଣ୍ଟର ଟପ୍ ସ୍କୋରର ରହିଥିଲେ ଟାକୋ ଭାନ୍ ଡେନ୍ ହର୍ନେଟ। ଜାତୀୟ ଦଳ ପକ୍ଷରୁ ୨୧୫ ମ୍ୟାଚରେ ପ୍ରତିନିଧିତ୍ୱ କରିଥିବା ଟାକୋ ସ୍କୋର କରିଥିଲେ ୧୧୮ ଗୋଲ୍।



























**ସଂକ୍ଷେପରେ**

## ୪୨୪୩ କୁଇଣ୍ଟାଲ ମାଣ୍ଡିଆ କିଣା ଲକ୍ଷ୍ୟ

ନନ୍ଦାହାଣ୍ଡି,୧୨।୧(ଡି.ଏନ୍.ଏ.)-ନବରଙ୍ଗପୁର ଜିଲାପାଳ ଡ. କମଳଲୋଚନ ମିଶ୍ର ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ମାଣ୍ଡିଆ ମଣ୍ଡିର ଶୁଭ ଉଦ୍‌ଘାଟନ କରିଛନ୍ତି। ମାଣ୍ଡିଆ ମଣ୍ଡି ପରିଚାଳନା ଦାୟିତ୍ୱ ଜିଲାର ୭ କୃଷକ ଉତ୍ପାଦକ କମ୍ପାନୀ ଓ ୩ଟି ଲ୍ୟାମ୍ପ୍‌ସକୁ ଦିଆଯାଇଛି। ମଣ୍ଡିରୁ ମାଣ୍ଡିଆ ଟିଡିସିସି କିଣିବାର ନିଷ୍ପତ୍ତି ନେଇଛି। ନବରଙ୍ଗପୁର ବ୍ଲକ ଦାୟିତ୍ୱ ନନ୍ଦାହାଣ୍ଡି ବ୍ଲକ ଅଧୀନ ସରୁଗୁଡା ଗ୍ରାମରେ ଥିବା ଗୋବିନ୍ଦାଳୟ ଉତ୍ପାଦକ କମ୍ପାନୀକୁ ଦିଆଯାଇଛି। ମଣ୍ଡି ଶୁଭାରମ୍ଭ ଉତ୍ସବରେ ଜିଲାପାଳ ଡ. କମଳଲୋଚନ ମିଶ୍ର, ଜିଲା ମୁଖ୍ୟ କୃଷି ଅଧିକାରୀ ଭେଙ୍କଟ ଗଣ୍ଟା ରେଡ୍ଡୀ, ଟିଡିସିସି ମ୍ୟାନେଜର ଶ୍ୟାମସୁନ୍ଦର ମାଝି, ଗୋବିନ୍ଦାଳୟ କମ୍ପାନୀ ସମ୍ପାଦକ ସତୀଶ ପଟ୍ଟନାୟକ, ଜିଲା ସମାଜ କଲ୍ୟାଣ ଅଧିକାରୀ ଏବଂ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଅଜୟ କୁମାର ମହାନ୍ତି ଓ ରାଜେନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ। ଜିଲାପାଳ ଚାଷୀଙ୍କୁ ମାଣ୍ଡିଆ ସମ୍ବନ୍ଧୀୟ ବ୍ୟାପାର ସୁଯୋଗ ଓ ସରକାରୀ ସାହାଯ୍ୟ ବାବଦରେ ସୂଚନା ଦେଇଥିଲେ। ଗୋବିନ୍ଦାଳୟ ପ୍ରତିଷ୍ଠାତା ସାନମୁଗା ପାତ୍ର ଚାଷୀଙ୍କୁ ମାଣ୍ଡିଆ ଚାଷ କରି ବିକ୍ରି କରିବା ସହ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ନବରଙ୍ଗପୁର ଜିଲାରେ ୨୦୨୨-୨୩ ବର୍ଷ ରେ ୪୨୪୩ କୁଇଣ୍ଟାଲ ମାଣ୍ଡିଆ କିଣିବା ଯୋଜନା କରାଯାଇଛି।

## ବିଡିଓଙ୍କୁ ଦାବିପତ୍ର

ଡାବୁଗାଁ, ୧୨।୧ (ଡି.ଏନ୍.ଏ.) ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ଗ୍ରାମବାସୀ ପାନୀୟଜଳ ସମସ୍ୟା ନେଇ ବିଡିଓ ଶରତ ମାଝିଙ୍କୁ ଏକ ଦାବିପତ୍ର ଗୁରୁବାର ପ୍ରଦାନ କରିଛନ୍ତି। ଡାବୁଗାଁ ଗ୍ରାମର ୱାର୍ଡ ନଂ ୮,୯,୧୦ ଓ ୧୧ ବାସିନ୍ଦା ପିଇବା ପାଣିର ସମସ୍ୟା ଭୋଗୁଛନ୍ତି। ଡାବୁଗାଁ ପାନୀୟ ଜଳ ଯୋଗାଣ କର୍ମଚାରୀଙ୍କ ବଦଳି, ପାନୀୟଜଳ ଯୋଗାଣ ନିମନ୍ତେ ଗେଟ ଗୁଡିକ ଯଥାଶୀଘ୍ର ମରାମତି, ଡାବୁଗାଁ ପାଣି ପଞ୍ଚାୟତ କମିଟି ଗଠନ, ପାନୀୟ ଜଳକୁ ଠିକା କାମ କିମ୍ବା ଅନ୍ୟ କୌଣସି କାର୍ଯ୍ୟରେ ବ୍ୟବହାର କରା ନ ଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ପାନୀୟ ଜଳ ଯୋଗାଣ କର୍ମଚାରୀଙ୍କ ଦ୍ୱାରା ଠିକ ସମୟରେ ପାଣି ଯୋଗାଣ ହେଉନାହିଁ କର୍ମଚାରୀମାନେ ମନମୁଖୀ କାର୍ଯ୍ୟ କରୁଥିବା ହେତୁ ସେମାନଙ୍କୁ ତାଗିଦ କରାଯାଉ ବୋଲି କୁହାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଡାବୁଗାଁ ସରପଞ୍ଚ ବିନୋଦ ସୌରାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ୧୨ ଦିନ ପରେ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

### ହତ୍ୟା ସନ୍ଦେହ

ଆମ୍ବଦଳା,୧୨।୧(ଡି.ଏନ୍.ଏ.)- ଜଣେ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ୧୨ ଦିନ ପରେ ଗୁରୁବାର ଜବତ କରାଯାଇଛି। ସେ ହେଲେ ଆମ୍ବାଦଳା ଥାନା ଲକ୍ଷ୍ମୀପୁର ପଞ୍ଚାୟତ ଅଧୀନ କୁକୁଡ଼ାପଦର ଗ୍ରାମର ବିଭୀଷଣ ନୁଣ୍ଡୁରୁକା(୩୫)। ସୂଚନା ଅନୁଯାୟୀ, ଗାଁ ନଦୀ ତଟରେ ଏକ ମୃତଦେହ ପୋତାଯାଇଥିବା ନେଇ ପୋଲିସ ସୂଚନା ପାଇଥିଲା। ଖବର ପାଇ ସ୍ଥାନୀୟ ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଏହାଏକ ହତ୍ୟାକାଣ୍ଡ ବୋଲି ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି। ବିଭୀଷଣ ଜାନୁୟାରୀ ୧ରୁ ଘରୁ ନିଖୋଜ ଥିଲେ। ମୃତଦେହ ପୋତାଯାଇଥିବା ସୂଚନା ପାଇ ଅମ୍ବାଦଳା ଆଇଆଇସି କମଳାକାନ୍ତ ବସନ୍ତ କୁମାର କହଁର ଓ ଟିମ୍ ପହଞ୍ଚିଥିଲେ। ମୃତଦେହ ଗଳିତ ଅବସ୍ଥାରେ ଥିବାରୁ ବିଷମକଟକ ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁ, ମୁନିଗୁଡ଼ା ଅତିରିକ୍ତ ତହସିଲଦାର ସତ୍ୟବ୍ରତ ପ୍ରଧାନଙ୍କ ସମେତ ସାଇଣ୍ଟିଫିକ ଟିମ୍ ଓ ଡଗସ୍କ୍ୱାର୍ଡକୁ ସୂଚନା ଦେଇ ତାଙ୍କ ଉପସ୍ଥିତିରେ ଗଳିତ ମୃତଦେହ ଜବତ କରାଯାଇ ତଦନ୍ତ ଚାଲିଛି। ବିଭୀଷଣଙ୍କ ସ୍ତ୍ରୀ ଏବଂ ଦୁଇ ଛୋଟ ସନ୍ତାନ ରହିଛନ୍ତି।

## ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ପୁନର୍ଗଠିତ

ତେନ୍ତୁଲିଖୁଣ୍ଟି, ୧୨।୧(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକରେ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ଏକ ବୈଠକ କରାଯାଇଛି। ବୈଠକରେ ସଂଘର ପୁନର୍ଗଠନର ଆବଶ୍ୟକତା ରହିଛି ବୋଲି ସର୍ବସମ୍ମତ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ସର୍ବସମ୍ମତି କ୍ରମେ ପ୍ରତାପ ରୁଦ୍ର ଷଡ଼ଙ୍ଗୀଙ୍କୁ ସଭାପତି ଭାବେ ଚୟନ କରାଯାଇଛି। ଅମିତ କୁମାର ଭୂଷଣ ସମ୍ପାଦକ, ଚୈତନ୍ୟ ନାୟକ କୋଷାଧ୍ୟକ୍ଷ, କାର୍ଯ୍ୟକାରିଣୀ କମିଟିରେ ମୋହନ ଗୌଡ଼ ,ଏ .ପି. ଚେଟି, ଓ ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ମନୋନୀତ କରାଯାଇଛି। ଉପଦେଷ୍ଟାଭାବେ ଜଗନ୍ନାଥ ମେଲକାଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ପ୍ରତ୍ୟେକ ପଞ୍ଚାୟତରେ ପିଇଓ ନଥିବାରୁ ଜଣେ ଜଣେ ପିଇଓଙ୍କୁ ୨ରୁ ଊର୍ଦ୍ଧ୍ୱ ପଞ୍ଚାୟତ ଦାୟିତ୍ୱ ଦିଆଯାଉଛି। କାର୍ଯ୍ୟ ପରିସର ଅଧିକ ଥିବାବେଳେ ସାମାନ୍ୟ ଭୁଲ ପାଇଁ ଜନତା ଏବଂ ଅଧିକାରୀଙ୍କ ଆକ୍ରୋଶର ଶିକାର ହେବାକୁ ପଡୁଛି। ତେଣୁ ଆଗାମୀ ଦିନରେ ପ୍ରତ୍ୟେକ ପଞ୍ଚାୟତରେ ପିଇଓ ନିଯୁକ୍ତି ଦେବାକୁ ସଂଘ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବ। ପିଇଓଙ୍କ ସମସ୍ୟା, ଚାକିରୀ ଓ ଜୀବନ ସୁରକ୍ଷା ପାଇଁ ସଂଘ ରାଜ୍ୟ ସରକାରଙ୍କ ପାଖରେ ଦାବି ରଖିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ଗୋଟିଏ ହାତ ନ ଥାଇ ବି ପଥର ବାଡ଼େଇ ଚଳାଉଛନ୍ତି ପରିବାର

ଟିକିରି,୧୨।୧(ଡି.ଏନ୍.ଏ.)

ଇଚ୍ଛାଶକ୍ତି ଥିଲେ ଶାରୀରିକ ଅକ୍ଷମତା ମଣିଷକୁ ଦୁର୍ବଳ କରିବାରେ ସଫଳ ହୁଏନାହିଁ। ପରିସ୍ଥିତି ଯେତେ କଠିନ ହେଲେ ମଧ୍ୟ ଜୀବନରେ ସଂଘର୍ଷ କରି ଆଗକୁ ବଢ଼ିବାର ସାହସ ଯୋଗାଇଥାଏ ଦୃଢ଼ ମନୋବଳ। ଏହାର ସ୍ପଷ୍ଟ ଉଦାହରଣ ହେଉଛନ୍ତି କାଶୀପୁର ବ୍ଲକ ପୁକିମାସ୍କା ଗ୍ରାମର କେଶବ ନାଏକ। ଶ୍ରମିକ ଭାବେ କାମ କରିବାକୁ ସେ କେରଳ ଯାଇଥିଲେ। ସ୍ଥାନୀୟ ଏକ କମ୍ପାନୀରେ କାମ କରିବା ସମୟରେ ମେଶିନରେ ଡାହାଣ ହାତଟି ସମ୍ପୂର୍ଣ୍ଣ



କେଶବ ନାଏକ

କଟିଯାଇଥିଲା। ହେଲେ ସେ ନିଜର ମନୋବଳ ହରାଇ ନ ଥିଲେ। ପରିବାର ଚଳାଇବା ପାଇଁ ସେ ଗାଁକୁ ଫେରି କିଛି କାମ କରିବାକୁ ନିଷ୍ପତ୍ତି ନେଇଥିଲେ।

**ଶାରୀରିକ ଅକ୍ଷମତା ଭାଙ୍ଗିପାରିନି ମନୋବଳ**

ଏବେ ଗୋଟିଏ ହାତ ତାଙ୍କ ପରିବାର ପାଇଁ ସାହାରା ହୋଇଛି। ପଥର ବାଡ଼େଇ ମେଟାଲ ଏବଂ ଚିପ୍ସ ପ୍ରସ୍ତୁତ କରି ବ୍ୟବସାୟ ଆରମ୍ଭ କରିଛନ୍ତି। ଏଥିରେ ସ୍ତ୍ରୀ ଏବଂ ଦୁଇ ଝିଅଙ୍କୁ ନେଇ ତାଙ୍କ ପରିବାର ଚଳୁଥିବା କେଶବ କହିଛନ୍ତି।

କେଶବ ଅଧିକ ପାଠ ପଢ଼ି ନ ଥିଲେ ମଧ୍ୟ ଛୋଟବେଳୁ ମାର୍ଶିଆଲ ଆର୍ଟ ପ୍ରତି ଆଗ୍ରହୀ ହୋଇଥିଲେ। ହେଲେ ଆର୍ଥିକ ସ୍ଥିତି ଖରାପ ଯୋଗୁ ପରିବାର ଚଳାଇବାକୁ ରାୟଗଡ଼ାଠାରେ ହୋଟେଲରେ କାମ ଆରମ୍ଭ କରିଥିଲେ। ପରେ ସେ କେରଳ ଯାଇ ସେଠାରେ କମ୍ପାନୀରେ କାମ କରିବା ସହ ଚାଇନିଜ୍ କରାଟେ ଶିଖିଥିଲେ। ଚାଇନିଜ୍ କରାଟେରେ କେଶବ ସେକେଣ୍ଡ ଡାଉନ୍ ବ୍ଲାକ୍ ବେଲ୍ଟ ମଧ୍ୟ ପାଇଛନ୍ତି। ହେଲେ ଏବେ ସେସବୁ ତାଙ୍କ ପାଇଁ କେବଳ ସ୍ମୃତି ପାଲଟିଛି। ଦୁର୍ଘଟଣାରେ ହାତ ହରାଇବା ପରେ ଏବେ ଗାଁରେ ଗୋଡ଼ି, ମେଟାଲ ବିକ୍ରିକରି ପରିବାର ଚଳାଉଛନ୍ତି। ତେବେ ଜୀବନରେ ହାରି ନ ଯାଇ ସ୍ୱାବଲମ୍ବୀ ହେବା ପାଇଁ ତାଙ୍କ ପ୍ରୟାସ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛି।

## ରାୟଗଡ଼ାରେ ବରପୁତ୍ରଙ୍କୁ ମିଳୁନି ସମ୍ମାନ

ରାୟଗଡ଼ା,୧୨।୧(ସ୍ୱ.ପ୍ର.)

ରାୟଗଡ଼ା ଜିଲା ପ୍ରଶାସନ ଏବଂ ପୌର ପ୍ରଶାସନ ପକ୍ଷରୁ ମହାପୁରୁଷଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଉନାହିଁ। ୧୦ରୁ ଊର୍ଦ୍ଧ୍ୱ ବର୍ଷ ହେଲା ଗୋପବନ୍ଧୁ ପ୍ରତିମୂର୍ତ୍ତି ଏବଂ ବିଜୁବାବୁଙ୍କ ସୂଚନା ଫଳକ ନିଖୋଜ ଅଛି। ପୌର ପରିଷଦ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ପାଇଁ ଏଭଳି ପରିସ୍ଥିତ ଉପୁଜିଛି ଅପରପକ୍ଷେ ଏ ନେଇ ଜିଲା ପ୍ରଶାସନ ମଧ୍ୟ କୌଣସି ପଦକ୍ଷେପ ନେଉନାହିଁ। ଏବେ ଦୁଇ ମହାପୁରୁଷଙ୍କ ପ୍ରତିମୂର୍ତ୍ତି କେଉଁଠି ତାହାର ସୂଚନା କାହା ନିକଟରେ ନାହିଁ। ତେଣୁ ଜିଲା ଏବଂ ପୌର ପ୍ରଶାସନ ମହାପୁରୁଷଙ୍କୁ କିଭଳି ସମ୍ମାନ ଦେଉଛି ତାହା ସ୍ପଷ୍ଟ ଅନୁମେୟ।

୧୯୯୨ରେ ରାୟଗଡ଼ା ସ୍ୱତନ୍ତ୍ର ଜିଲା ମାନ୍ୟତା ପାଇଥିଲା। ଏହାପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏବଂ ତତ୍କାଳୀନ ମନ୍ତ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର ଜିଲା କାର୍ଯ୍ୟାଳୟକୁ ଏବେକାର ପୌର କାର୍ଯ୍ୟାଳୟ ନିକଟରେ ଉଦ୍‌ଘାଟନ କରିଥିଲେ । ତେବେ ନୂତନ ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥାପନ ହେବାପରେ ଉଦ୍‌ଘାଟନି ସୂଚନା ଫଳକ ସ୍ଥାନାନ୍ତର କରାଯାଇନାହିଁ। ଉକ୍ତ ପୁରୁଣା କୋଠାରେ ପ୍ରଥମେ କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ପରେ ପ୍ଲାନେଟୋରିୟମ ନିର୍ମାଣ କରାଗଲା। ସେହି ସମୟରେ ପୌର



ପରିଷଦ ପକ୍ଷରୁ ବିଜୁବାବୁଙ୍କ ଫଳକ ବାହାର କରି ଦିଆଯାଇଥିଲା। ହେଲେ ଏହାକୁ ନୂତନ ଜିଲାପାଳ କାର୍ଯ୍ୟାଳୟରେ ଆଉ ସ୍ଥାପନ କରାଯାଇ ନାହିଁ। ସେହିଭଳି ରାୟଗଡ଼ା ସହର ଗୁଣ୍ଡିଚା ମନ୍ଦିର ନିକଟରେ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ରହିଥିବାରୁ ଉକ୍ତ ଛକକୁ ଗୋପବନ୍ଧୁ ଛକ ନାମରେ ନାମିତ କରାଯାଇଥିଲା। ଦୀର୍ଘ ବର୍ଷ ଧରି ପ୍ରତିମୂର୍ତ୍ତି ସେହି ସ୍ଥାନରେ ରହିଥିଲା। ପୂଜ୍ୟପୂଜାଙ୍କୁ ଲୋକେ ସମ୍ମାନ ମଧ୍ୟ ଦେଉଥିଲେ। ହେଲେ ୨୦୧୩ ମସିହାରେ ବିକାଶ ନାମରେ ସେହି ସ୍ଥାନରୁ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ହଟାଇ ପୌର ପରିଷଦ ପକ୍ଷରୁ ଏକ ହାଇମାକ୍ସ ଲାଇଟ ଲଗାଯାଇଥିଲା। ସେଠାରେ ଆଉ ଏକ ବଡ଼ ଉଚ୍ଚ ସ୍ଥାନ ନିର୍ମାଣ କରି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ତତ୍କାଳୀନ ପୌର ନିର୍ବାହୀ ଅଧିକାରୀ

**ଗୋପବନ୍ଧୁ, ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଓ ଫଳକ ଗାୟବ**

କହିଥିଲେ। ଏହାମଧ୍ୟରେ ୯ ବର୍ଷ ବିତି ଯାଇଥିଲେ ମଧ୍ୟ ଏଥିପ୍ରତି କାହାରି ନଜର ପଡୁନାହିଁ । ପରବର୍ତ୍ତି ସମୟରେ ଯେଉଁ ନିର୍ବାହୀ ଅଧିକାରୀ ଆସିଛନ୍ତି ସେମାନେ ଟ୍ରାଫିକ ସମସ୍ୟା ଏବଂ ରାସ୍ତା ସଙ୍କୀର୍ଣ୍ଣର ଆଳ ଦେଖାଇ କଥା ଟାଳି ଦେଇଛନ୍ତି। ସେହିଭଳି ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଏବଂ ଫଳକ ବାହାର କରିବା ପରେ ବହୁଦିନ ଧରି ପୌର କାର୍ଯ୍ୟାଳୟରେ ରଖାଗଲା। ଏହାର ସ୍ଥାପନା ନେଇ ବାରମ୍ବାର ପ୍ରଶ୍ନ ଉଠୁଥିବାରୁ ଉକ୍ତ ପ୍ରତିମୂର୍ତ୍ତି ଏବଂ ଫଳକ ମୂଳରୁ କେଉଁଆଡ଼େ ଗାଏବ ହୋଇଗଲା। ରାୟଗଡ଼ା ସହରବାସୀ ଏ ନେଇ ବାରମ୍ବାର ପଚାରୁଥିଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ବୁଧବାର ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକରେ ଏ ନେଇ ଗଣମାଧ୍ୟମ ପ୍ରତିନିଧି ପ୍ରଶ୍ନ କରିବା ସହ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଏବଂ ବିଜୁବାବୁଙ୍କ ଫଳକର ସ୍ଥାପନ ପାଇଁ ଦାବି କରିଥିଲେ। ଜିଲା ପ୍ରଶାସନ ଏବଂ ପୌର ପ୍ରଶାସନ ଶୀଘ୍ର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ବିଭିନ୍ନ ସ୍ଥାନରେ ବିବେକାନନ୍ଦ ଜୟନ୍ତୀ

ରାୟଗଡ଼ା ଅଫିସ/ଗୁଣପୁର/ପଦ୍ମପୁର,୧୨।୧ (ଡି.ଏନ୍.ଏ.)

ରାୟଗଡ଼ା ସଦର ରିଂ ରୋଡ଼ ସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରରେ ବିବେକାନନ୍ଦ ଜୟନ୍ତୀ ଓ ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ସମ୍ମାନିତ ଅତିଥି ରୂପେ ରାୟଗଡ଼ା ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ହର ପ୍ରସାଦ ହେପ୍ଟକା, ମୁଖ୍ୟବକ୍ତା ରୂପେ ଜେ.କେ. କାଗଜକଳର ସହ ପ୍ରବନ୍ଧକ ଓ ସାମାଜିକ ଦାୟିତ୍ୱବୋଧ ଅଧିକାରୀ ହରିହର ଖମାରୀ ଯୋଗ ଦେଇଥିଲେ। ଅତିଥି ମାନେ ସ୍ୱାମୀ ବିବେକାନନ୍ଦଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ବାର୍ଷିକ କ୍ରୀଡ଼ାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଯୁବ ଦିବସରେ କୁଳପତି ଗୌତମ ଘୋଷ ଉପସ୍ଥିତ ରହି ସ୍ୱାମୀଜୀଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କ ଜୀବନି ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

ପଦ୍ମପୁର ସ୍ଥିତ ତ୍ରିବେଣୀ କଳା ମନ୍ଦିର ଏବଂ ସନ୍‌ସାଇନ ଇଂଲିଶ ମିଡିୟମ ସ୍କୁଲରେ ଜାତୀୟ ଯୁବ ଦିବସ ପାଳନ କରାଯାଇଛି। ତ୍ରିବେଣୀ ଜ୍ଞାନ ମନ୍ଦିରର ଛାତ୍ରୀଛାତ୍ର, ସମସ୍ତ ଅଧ୍ୟାପିକା ଅଧ୍ୟାପକ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିବାବେଳେ ଅଧ୍ୟକ୍ଷ ପବିତ୍ର କୁମାର ଅଧିକାରୀ, ଉପାଧ୍ୟକ୍ଷା ଅନିତା ମିଶ୍ର ପ୍ରମୁଖ ସ୍ୱାମୀ ବିବେକାନନ୍ଦଙ୍କ ଜୀବନି ଉପରେ ଅଭିଭାଷଣ ରଖି ଶିକ୍ଷାର୍ଥୀଙ୍କୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ପବିତ୍ର ଅଧିକାରୀ ପିଲାଙ୍କୁ ବିବେକାନନ୍ଦଙ୍କ ଜୀବନୀ ଏବଂ ତାଙ୍କର ସଂଗ୍ରାମ ବିଷୟରେ ଅବଗତ କରାଇଥିଲେ।

## ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

ଉମରକୋଟ, ୧୨।୧(ସ୍ୱ.ପ୍ର.)

ଉମରକୋଟରେ ଉପଖଣ୍ଡସ୍ତରୀୟ ୭୪ତମ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜନ କରାଯାଇଛି। ତହସିଲଦାର ଏନ୍. ଜଗଜ୍ଜୀବନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ପୌରାଧ୍ୟକ୍ଷା ରାଧା ଭତ୍ରା, ବ୍ଲକ୍ ଅଧ୍ୟକ୍ଷ, ପୌର ନିର୍ବାହୀ ଅଧିକାରୀ ଋଷି ମାଝି, ଥାନାଧିକାରୀ ଦୀପକ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଉମରକୋଟ ରାଜସ୍ୱ ନିରୀକ୍ଷକ ଶିବାନନ୍ଦ ରାଉତ ମଞ୍ଚ ପରିଚାଳନା କରିଥିଲେ। ପରେଡ଼, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସ୍କୁଲସ୍ତରରେ ଡିବେଟ୍, ଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବ। କୃତୀ ପ୍ରତିଯୋଗୀଙ୍କୁ ସାଧାରଣତନ୍ତ୍ର ଦିବସରେ ଅତିଥି ପୁରସ୍କୃତ କରିବେ ବୋଲି ବୈଠକରେ ଆଲୋଚନା ହୋଇଛି। ଚିନ୍ତାମଣି ବେହେରା ଓ ଜଗନ୍ନାଥ ରାଉତଙ୍କ ସ୍ମୃତିରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ କାଉନ୍‌ସିଲର ମନୋଜ ନାୟକ, ନୀଲମ ହରିଜନ, ସଞ୍ଜୟ ସରକାର, ଇତିଶ୍ରୀ ଦୋଲେଇ, ସାଇ ନାରାୟଣ ପାଢ଼ୀ, ରେବା ମଣ୍ଡଳ, ଶିଖାରାଣୀ ସରକାର ଓ ଚିନ୍ମୟୀ ଠାକୁର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନଗରପାଳ ପି. ରାବଣା ରାଓ, ବରିଷ୍ଠ ଭାଜପା ନେତା ରମେଶ ଚନ୍ଦ୍ର ସାହୁ, ସରକାରୀ ଓକିଲ ଶ୍ରୀନିବାସ ପଟ୍ଟନାୟକ, ହେଲ୍ପ ଲାଇନ ନିର୍ଦ୍ଦେଶକ ଦୁର୍ଗା ପ୍ରସାଦ ମଲ୍ଲିକ, ଅଶୋକ ସାହୁ, ଗୁଲୁ ସାହୁ, ଆଇନଜୀବୀ ରାମ ନାୟକ, ଶାନ୍ତିଲତା ମହାନ୍ତି ଏବଂ ଖବରଦାତା, ସରକାରୀ ଅଫିସର, ସ୍କୁଲ ଶିକ୍ଷକମାନେ ଉପସ୍ଥିତ ଥିଲେ।

## ସ୍କୁଲରେ ତାଲା ପକାଇଲେ ଅଭିଭାବକ, ଗ୍ରାମବାସୀ

ନବରଙ୍ଗପୁର,୧୨।୧(ବି.ପ୍ର.)

ଜଣେ ଶିକ୍ଷୟିତ୍ରୀ ବିଦ୍ୟାଳୟରେ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ସମ୍ଭାଳୁଛନ୍ତି। ଅଭିଭାବକମାନେ ବିଇଓ, ଡିଇଓଙ୍କୁ ଏ ନେଇ ୨ଥର ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବାରୁ ଗୁରୁବାର ନବରଙ୍ଗପୁର ବ୍ଲକ ସିନ୍ଧିଗାଁ ପଞ୍ଚାୟତ କୁମଝର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅଭିଭାବକ ଓ ଗ୍ରାମବାସୀ ତାଲା ପକାଇଛନ୍ତି। ଛାତ୍ରୀଛାତ୍ରମାନେ ସ୍କୁଲ ବାହାରେ ବସି ପଢ଼ିଥିଲେ। ସ୍କୁଲରେ ଜଣେ ନୂତନ ଶିକ୍ଷକଙ୍କୁ ନିଯୁକ୍ତି ଦେବାପରେ ଗ୍ରାମବାସୀ ତାଲା ଖୋଲିଥିଲେ।

**କୁମଝର ସରକାରୀ ପ୍ରାଥମିକ ସ୍କୁଲରେ ଶିକ୍ଷକ ନିଯୁକ୍ତି, ସମସ୍ୟା ସମାଧାନ ଦାବି**

ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୭୦ ଜଣ ଛାତ୍ରୀଛାତ୍ର ପଢ଼ୁଛନ୍ତି। ଶ୍ରେଣୀଗୃହ ଅଭାବରୁ ଗୋଟିଏ ବଖରାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାମାନେ ପାଠ ପଢ଼ିବାକୁ ବାଧ ହେଉଛନ୍ତି। ଶ୍ରେଣୀଗୃହ ଅବସ୍ଥା ବିପଦସଙ୍କୁଳ ଥିବାରୁ ପିଲାମାନେ ସେଥିରେ ବସି ପଢ଼ିବାକୁ ଡରୁଛନ୍ତି ବୋଲି ଅଭିଭାବକ କହିଛନ୍ତି। ୭୦ ପିଲାଙ୍କ ପାଇଁ ଜଣେ ପ୍ରଧାନ ଶିକ୍ଷକ, ୨ଜଣ ଶିକ୍ଷକ ଥିବାବେଳେ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ବର୍ତ୍ତମାନ ଜଣେ ଶିକ୍ଷୟିତ୍ରୀ ସ୍କୁଲର ସମସ୍ତ କାର୍ଯ୍ୟ କରୁଛନ୍ତି। ପ୍ରଧାନ ଶିକ୍ଷକଙ୍କ ଦେହ ଖରାପ ଥିବାରୁ ସେ ଅଧିକାଂଶ ସମୟ ଛୁଟିରେ ରହୁଛନ୍ତି। ସ୍କୁଲ ଆସିବା ଦିନ ମଧ୍ୟ ଠିକ୍ ସମୟରେ ଆସୁନାହାନ୍ତି। ଅଭିଯୋଗ ସତ୍ତ୍ୱେ ଅଧିକାରୀମାନେ ସମାଧାନ ଦିଗରେ ପଦକ୍ଷେପ ନ ନେବାରୁ ପ୍ରତିବାଦ କରାଯାଉଛି ବୋଲି ଅଭିଭାବକମାନେ କହିଛନ୍ତି। ଏ ନେଇ ନବରଙ୍ଗପୁର ବିଇଓ ରମେଶ ରାୟଙ୍କୁ ଯୋଗାଯୋଗ କରିବାରୁ ଆଜି ଶିକ୍ଷକ ନିଯୁକ୍ତି କରାଯିବ। ଏଥିସହ ସ୍କୁଲର କ'ଣ ସବୁ ସମସ୍ୟା ରହିଛି, ତାହାର ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ସେ କହିଛନ୍ତି। ସ୍କୁଲ ପ୍ରତି ପ୍ରଶାସନର ଦୃଷ୍ଟିପଡୁ ଏବଂ ସ୍କୁଲର ବିଭିନ୍ନ ସମସ୍ୟାର ସମାଧାନ କରାଯାଉ ବୋଲି କୁମଝର ଗ୍ରାମବାସୀ ଦାବି କରିଛନ୍ତି। ସ୍କୁଲ ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ତାଲା ପକାଯିବ ବୋଲି ଗ୍ରାମବାସୀ କହିଛନ୍ତି।



ଅଭିଭାବକ, ଛାତ୍ରୀଛାତ୍ର ସ୍କୁଲ ଗେଟ୍‌ରେ ତାଲା ପକାଇ ବାହାରେ ବସିଛନ୍ତି ।

## ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

ନବରଙ୍ଗପୁର,୧୨।୧(ବି.ପ୍ର.)

ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟର ସଭାଗୃହରେ ନବରଙ୍ଗପୁର ଜିଲା ଶାଖା–ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଯୁବ ବିଭାଗ ପକ୍ଷରୁ ଜାତୀୟ ଯୁବ ଦିବସ କାର୍ଯ୍ୟକ୍ରମ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଂଶୀଧର ଭୂୟାଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ସଦସ୍ୟ ବଲ୍ଲଭ କୁମାର ରାଉତ ମୁଖ୍ୟ ଅତିଥି,ରାଜ୍ୟ ସାହିତ୍ୟ ବିଭାଗ ସମ୍ପାଦକ ଡକ୍ଟର ପ୍ରଦୀପ କୁମାର ମିଶ୍ର ମୁଖ୍ୟ ବକ୍ତା,ବରିଷ୍ଠ ସାହିତ୍ୟିକ ଡା ସୁରେନ୍ଦ୍ରନାଥ ଦାଶ ବରେଣ୍ୟ ଅତିଥି, ନବରଙ୍ଗପୁର ଜିଲା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ବିଚାର ଧାରାର ସଂଯୋଜକ ପ୍ରଫୁଲ୍ଲ ରାଉତ ବିଶିଷ୍ଟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ କେଦାରେଶ୍ୱର ପଟ୍ଟନାୟକ ସମ୍ମାନିତ ବକ୍ତାଭାବେ ଯୋଗଦେଇ ଥିଲେ। ଦୁଇଜଣ ଯୁବ ପ୍ରତିଭା ତଥା ବିଦ୍ୟାଳୟର ପୂର୍ବତନ ଛାତ୍ର ପ୍ରସାଦ ଛାଟୋଇ ଓ ଡା ଅଜିତ୍‌କୁମାର ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡା ପ୍ରତିଯୋଗିତାରେ ରାଜ୍ୟସ୍ତରକୁ ଉନ୍ନୀତ ହୋଇଥିବା ଦୁଇଜଣ ଛାତ୍ରଙ୍କୁ ପୁରସ୍କୃତ କରାଯାଇ ଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର,ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

## 'ଯୁବଗୋଷ୍ଠୀ ଗଠନ କରିପାରିବେ ଆଦର୍ଶ ରାଷ୍ଟ୍ର'

ଝରିଗାଁ/କୋଡିଙ୍ଗା, ୧୨।୧(ସ୍ୱ.ପ୍ର./ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ସଦର ଓ ସମସ୍ତ ବ୍ଲକରେ ଜାତୀୟ ଯୁବଦିବସ ପାଳନ କରାଯାଇଛି। ଯୁବଗୋଷ୍ଠୀ ବିକଶିତ ଭାରତ ଲକ୍ଷ୍ୟ ନେଇ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅନ୍ଧବିଶ୍ୱାସ, କୁସଂସ୍କାରକୁ ଦୂରକଲେ ଏକ ଆଦର୍ଶ ରାଷ୍ଟ୍ର ଗଠନ ସମ୍ଭବ ବୋଲି କୁହାଯାଇଛି।

ଝରିଗାଁ ବ୍ଲକ ସଦରସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ୍‌କ୍ରସ୍ (ୱାଇଆର୍‌ସି) ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଶିବପ୍ରସାଦ ପଟ୍ଟନାୟକ, ଜିଲା ବିପର୍ଯ୍ୟୟ ପରିଚାଳନା ତାଲିମଦାତା ରମେଶ ଚନ୍ଦ୍ର ପଣ୍ଡା, ସାମାଜିକ କର୍ମୀ ପ୍ରଫୁଲ୍ଲ ପାଣ୍ଡେ ଅତିଥିଭାବେ ଉପସ୍ଥିତ ଥିଲେ। ଅଧ୍ୟାପକ ଶଙ୍କର ନାଲା, ଅଧ୍ୟାପିକା ତୁଷାରୀ ପଟ୍ଟନାୟକ, ଗ୍ରନ୍ଥାଗାରିକ ମନୋଜ ମହାପାତ୍ର, କ୍ରୀଡ଼ା ଶିକ୍ଷକ କୈଳାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ରେଡ୍‌କ୍ରସ୍ କାର୍ଯ୍ୟକ୍ରମ ଅଧିକାରୀ ସନ୍ତୋଷ ଖିଲାର ପରିଚାଳନା କରିଥିଲେ।

କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗା ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ୱାଇଆର୍‌ସିର ରେଡ୍ ରିବନ୍ କ୍ଲବ୍ ଓ ଏନ୍‌ଏସ୍‌ଏସ୍ କ୍ଲବ ମିଳିତ ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବଦିବସ ପାଳନ କରାଯାଇଛି। ସାମାଜିକ କର୍ମୀ କୁଞ୍ଜବିହାରୀ ଦାସ ମୁଖ୍ୟ ଅତିଥି, ଆର୍‌ଏସ୍‌ଏସ୍‌ର ବିଶ୍ୱମୋହନ ତ୍ରିପାଠୀ, ଅଧ୍ୟାପକ ବିବେକ କୁମାର ମହାଲିକ, ଦାମୋଦର ସାହୁ, ଅଖିଳ ଭଟ୍ଟ, ପଞ୍ଚାନନ ଦୁରିଆ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅଧ୍ୟକ୍ଷା ଅମିତା ରାୟ, ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ରବି ପାଣିଗ୍ରାହୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ଓ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ ।

## ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

କାଲିମେଳା, ୧୨।୧ (ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ତେଲରାଇ ପଞ୍ଚାୟତର ଏମପି.ଭି–୬୪ ଗ୍ରାମସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ସ୍ୱାମୀ ବିବେକାନନଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଗୋଷ୍ଠୀ, ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ବାଡେଇ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୁବାସିନୀ ସୋଡ଼ି, ମୁଖ୍ୟବ୍ୟକ୍ତା ରୂପେ ବିଡିଓ ଉମାଶଙ୍କର ଦଳାଇ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିନ୍ତାହରଣ ମଧୁ, ତେଲରାଇ ସରପଞ୍ଚ ମୁତା ସୋଡି, ଗୋଷ୍ଠୀ ସାଧାନ କେନ୍ଦ୍ର ସଂଯୋଜକ ରାଜେନ୍ଦ୍ର ତ୍ରିପାଠୀ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ନବକିଶୋର ମଲ୍ଲିକ, ଗାଁ ପଲ୍ଲୀମଙ୍ଗଳ କମିଟି ସମ୍ପାଦକ ବଳାଇକୃଷ୍ଣ ସରକାର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଖଟେଇ ଧନ୍ୟବାଦ ଦେଇଥିଲେ ।

## ଯୁବପିଢ଼ି ଇତିହାସ ଜାଣିବା ଆବଶ୍ୟକ ରହିଛି: ଜିଲାପାଳ

ମାଲକାନଗିରି,୧୨।୧(ଡି.ଏନ୍.ଏ.)

ମାଲ୍ୟବନ୍ତ ମହୋତ୍ସବକୁ ଆକର୍ଷଣୀୟ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସଂସ୍କୃତି ଭବନଠାରେ 'ଇତିହାସ ପୃଷ୍ଠାରେ ଅବିଭକ୍ତ କୋରାପୁଟ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ମହାବିଦ୍ୟାଳୟର ସମନ୍ୱୟ ସମିତି ଓ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲାପାଳ ବିଶାଳ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମାଲକାନଗିରି ଜିଲାର କଳା, ସାହିତ୍ୟ,ସଂସ୍କୃତି ଓ ଭାଷା ସବୁଥିରେ ସ୍ୱତନ୍ତ୍ରତା ଭରି ରହିଛି। ଏ ବିଷୟରେ ଜାଣିବାକୁ ହେଲେ ଯୁବପିଢ଼ିଙ୍କୁ ଏହାର ଇତିହାସକୁ ଜାଣିବାର ଆବଶ୍ୟକତା ରହିଛି ବୋଲି ଜିଲାପାଳ ସିଂ କହିଥିଲେ। ଅବିଭକ୍ତ କୋରାପୁଟ ଜିଲାର ବିଶିଷ୍ଟ ଗବେଷକ ଡ.ବିଜୟ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କୋରାପୁଟ ଜିଲାର ଇତିହାସ ବିଷୟରେ ବିସ୍ତୃତ ତଥ୍ୟ ଉପସ୍ଥାପନକରି ସେ ସ୍ୱାଧୀନତା ସଂଗ୍ରାମରେ ଅବିଭକ୍ତ କୋରାପୁଟ ଜିଲାର ଶହୀଦ ଲକ୍ଷ୍ମଣ




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

**'ଇତିହାସ ପୃଷ୍ଠାରେ ଅବିଭକ୍ତ କୋରାପୁଟ' ଶୀର୍ଷକ ଆଲୋଚନାଚକ୍ର**

ନାୟକ, ତାମ୍ପା, ବଙ୍ଗାରୁ ଦେବୀ, ସନୁ ମାଝି, ଭଗବାନ ଖେମୁଣ୍ଡୁ, ରାଧାକୃଷ୍ଣ ବିଶ୍ୱାସରାୟଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିସହ ମାଥିଲି ଓ ପାପଡ଼ାହାଣ୍ଡି ଗୁଳିକାଣ୍ଡର ଲୋମହର୍ଷଣକାରୀ ଘଟଣାକୁ ଯୁବପିଢ଼ିଙ୍କୁ ଅବଗତ କରାଇଥିଲେ। ଗାନ୍ଧୀଙ୍କ ସତ୍ୟାଗ୍ରହରେ ଉଦ୍‌ବୁଦ୍ଧ ହୋଇ ଜନସାଧାରଣ କିଭଳି ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ସେ ନେଇ ଡ. ମିଶ୍ର ମତ ରଖିଥିଲେ। ଉପଜିଲାପାଳ ତଥା ସାଂସ୍କୃତିକ କମିଟି ଅଧ୍ୟକ୍ଷ ଅକ୍ଷୟ ଖେମୁଣ୍ଡୁ ସ୍ୱାଗତ ସୂଚନା ଦେଇଥିଲେ। ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାଏକ, ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ ଅଧ୍ୟକ୍ଷ ଅମୂଲ୍ୟ ପ୍ରଧାନ ଓ ମାଲକାନଗିରି ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ ଷଡ଼ଙ୍ଗୀ ମଞ୍ଚାସୀନ ଥିଲେ। ଅପରାହ୍ନରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମରେ ୨୩ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ରଙ୍କ ସମେତ ସାଂସ୍କୃତିକ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ଗୁଣପୁର,୧୨।୧(ଡି.ଏନ୍.ଏ.)

ଗୁଣପୁର କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିଲାଗି ମଙ୍ଗଳା ମନ୍ଦିର ନିକଟରୁ ମଶାଲ ଶୋଭାଯାତ୍ରା ବାହାରି ଗୁଣପୁର କଲେଜଠାରେ ପହଞ୍ଚିଥିଲା। ଏଥିରେ ଛାତ୍ରୀଛାତ୍ର ଭାଗ ନେଇଥିଲେ। କଲେଜଠାରେ ମଶାଲ ପହଞ୍ଚିବା ପରେ ତାହାକୁ ସ୍ଥାପନ କରାଯିବା ସହ ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ପଣ୍ଡା କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। କ୍ରୀଡ଼ା ଶିକ୍ଷକ ଦେବ ପ୍ରସାଦ ପାଢ଼ୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଖେଳ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର କ୍ରୀଡ଼ା ଉତ୍ସବ ଉଦଯାପିତ ହେବ। ଅଧ୍ୟାପିକା ଏବଂ ଅଧ୍ୟାପକ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ବିଶ୍ୱକପ ହକିର ପ୍ରଚାର ଓ ପ୍ରସାର ତଥା ଛାତ୍ରୀଛାତ୍ରଙ୍କୁ ସଚେତନ କରିବା ପାଇଁ ପ୍ରାଧ୍ୟାପକ ରାମଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା।

## ଯୋଜନା ସମୀକ୍ଷାକଲେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ

ନବରଙ୍ଗପୁର,୧୨।୧(ବି.ପ୍ର.)

ନବରଙ୍ଗପୁର ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅନ୍ୟା ଦାସ ସହରର ୧୪ ନଂ. ୱାର୍ଡ ବୁଲି ଲୋକଙ୍କୁ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ମିଶନ କମ୍ପାଉଣ୍ଡ ଅଞ୍ଚଳ ଯାଇ ସେଠାରେ କ'ଣ ସବୁ ସରକାରୀ ଯୋଜନା କାର୍ଯ୍ୟକାରୀ ହୋଇଛି ସେ ସମ୍ପର୍କରେ ପଚାରି ବୁଝିଥିଲେ। ୱାର୍ଡରେ ଥିବା ସମସ୍ୟା ସମାଧାନ କିପରି ହେବ ସେ ନେଇ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସରକାରଙ୍କ ପକ୍ଷରୁ ଦିଆଯାଉଥିବା ସହାୟତାର ଲାଭ ନେଇ ସ୍ୱାବଲମ୍ବୀ ହେବାକୁ ଏସ୍‌ଏଚ୍‌ଜି ସଦସ୍ୟଙ୍କୁ ସେ ପରାମର୍ଶ ଦେଇଥିଲେ। ସହରରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ କିଭଳି ସ୍ୱାସ୍ଥ୍ୟ ପରୀକ୍ଷା କରାଇବେ ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମ୍ପର୍କରେ ସାହି ବାସିନ୍ଦାଙ୍କୁ ପରାମର୍ଶ ଦେଇଥିଲେ। ସାହିର ଯେଉଁ ଯୋଜନାରେ କାମ ବାକି ରହିଛି ସେଗୁଡ଼ିକ କିପରି କାର୍ଯ୍ୟକାରୀ ହେବ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଷ୍ଟାଫ୍‌ମାନଙ୍କୁ ସେ ପରାମର୍ଶ ଦେଇଥିଲେ। ମିଶନ କମ୍ପାଉଣ୍ଡ ନିକଟରେ ଥିବା ଶ୍ମଶାନର ଉନ୍ନତୀକରଣ କାମ ବୁଲି ଦେଖିଥିଲେ। କାଉନସିଲର ନଗେନ୍ଦ୍ର ପଟ୍ଟନାୟକ ୱାର୍ଡରେ ଚିଲ୍‌ଡ୍ରେନ୍ସ ପାର୍କ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପୁରୁଣା ରାସ୍ତା ଓ ଡ୍ରେନ୍‌ଗୁଡ଼ିକର ଉନ୍ନତୀକରଣ, ପ୍ରତି ସାହିରେ ଷ୍ଟ୍ରିଟ୍ ଲାଇଟ ବ୍ୟବସ୍ଥା, କଲ୍ୟାଣ ମଣ୍ଡପ, ମହିଳା ଓ ପୁରୁଷଙ୍କ ପାଇଁ ଜିମ୍ ଆଦି ନିର୍ମାଣ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ। ପୌର ପରିଷଦ ପକ୍ଷରୁ ଇନ୍ଦ୍ରାବତୀ ଶ୍ମଶାନରେ ଚାଲିଥିବା ଉନ୍ନତୀକରଣ କାର୍ଯ୍ୟ ବୁଲି ଦେଖିଥିଲେ। ପରେ ସେ ଗାନ୍ଧିଛକ ଓ ବସ୍‌ଷ୍ଟାଣ୍ଡକୁ ଯାଇଥିଲେ। ଏହି ସମୟରେ କାର୍ଯ୍ୟକ୍ରମ ଅଧିକାରୀ ରାଜେଶ ପଟ୍ଟନାୟକ ଉପସ୍ଥିତ ଥିଲେ।

